# ଜୀବନଟା ଇଂଲିଶ ଚ୍ୟାନେଲ୍ ନୁହେଁ...

-ନୀଳାମ୍ବର ରଥ

'ସମ୍ବାଦ' ସହିତ ମୋର ପ୍ରଥମ ଭାବଗତ ସଂପର୍କ ପ୍ରତିଷ୍ଠା ହୋଇଥିଲା ୧୯୯୧ ମସିହାରେ, ଯେତେବେଳେ ମୁଁ ଅନ୍ୟ କେତେଜଣ ତରୁଣ କଥାଶିଳ୍ପୀଙ୍କ ସହିତ ପାଇଥିଲି 'କଥା ନବପ୍ରତିଭା ପୁରସ୍କାର' । ପରେ ଅନୁଷ୍ଠାନ ସହ ପ୍ରଥମ ବୃତ୍ତିଗତ ସଂପର୍କ ଆରମ୍ଭ ହେଲା ୧୯୯୬ ନଭେମ୍ବର ୧୮ ତାରିଖରେ । ଏଇଦିନ ମୁଁ ଜଏନ୍ କରିଥିଲି ଜଣେ 'ବରିଷ୍ଠ ସହ ସଂପାଦକ' ଭାବେ, 'କଟକ ସଂସ୍କରଣ'ରେ । ସଂଯୋଗକ୍ରମେ ସେଦିନ ଥିଲା 'ସମ୍ବାଦ'ର ଏଇ ସଂସ୍କରଣର ପ୍ରଥ ମ ପ୍ରକାଶନ । କଟକରେ ଗୋଟିଏ ବର୍ଷ ଓ ପରେ ପରେ ଭୁବନେଶ୍ୱରରେ ପ୍ରାୟ ୪ ବର୍ଷର କାମ କରିବାର ସୁଯୋଗ ମୋର ପେସାଦାର ଜୀବନର ଏକ ବଡ଼ ଅନୁଭୂତି; ତା'ରି ଭିତରେ ଅନେକ ଅପାସୋର ସ୍ମୃତି! ଏମିତି କିଛି ସ୍ମୃତି ତାଜା ହୋଇଗଲା ସଂପାଦକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଚିଠି ପାଇ 'ସ୍ମୃତିରେ ସମ୍ବାଦ' ପାଇଁ ସ୍ମୃତି ସାଉଁଟିଲା ବେଳେ ।

... ଛତୁଭଜାରେ ଭର୍ତ୍ତି ଫିଂପୁଡ଼ି । କିଶୋର ମିହିର ମା'ଙ୍କ ଉପରେ କ୍ଷୁବ୍ଧ ହେଲେ । "ଏଗୁଡ଼ାକ କି ଖିଆଯାଏ ମାଆ?" ... ଏଥିଲା ସାତସିନ୍ଧୁ ବିଜୟୀ ମିହିର ସେନ୍ଙ୍କ ଉପରେ ମୋର ଏକ ନ୍ୟୁଜ୍ ଫିଚରର (ଶୀର୍ଷକ- 'ଜୀବନଟା ଇଂଲିଶ ଚ୍ୟାନେଲ୍ ନୁହେଁ') ପ୍ରଥମ କେତୋଟି ଧାଡ଼ି । ଏହା ପ୍ରକାଶ ପାଇଥିଲା ୧୫ ଜୁନ୍

୧୯୯୭ରେ, କଟକ ସଂସ୍କରଣରେ । ପରେ ପରେ ତା' 'ସମ୍ବାଦ'ର ସବୁ ସଂସ୍କରଣରେ ପ୍ରକାଶ ପାଇଥିଲା । ଏହା ପଛରେ ରହିଛି ମୋର ଏକ ବିଶେଷ ସ୍ମୃତି । ତାକୁ ମୁଁ ଏଠି ସଂକ୍ଷେପରେ ଖୋଲିବାକୁ ଚେଷ୍ଟା କରୁଛି । ଶୁଣନ୍ତୁ...

ସେଦିନ ଅସିତ ବାବୁ (ଅସିତ ମହାନ୍ତି, କଟକ ସଂସ୍କରଣର ତତ୍କାଳୀନ ସଂପାଦକୀୟ ମୁଖ୍ୟ) ମୋତେ ଖଣ୍ଡେ ଏଜେନ୍ସି କପି ଧରେଇଦେଲେ । ତାହା ଥିଲା ଅତି ସଂକ୍ଷିପ୍ତ– ମାତ୍ର ତିନି ଧାଡ଼ିର । ଖବର ଥିଲା, ଇଂଲିଶ ଚ୍ୟାନେଲ୍ ଅତିକ୍ରମକରି ବିଶ୍ୱ ରେକର୍ଡ ସ୍ଥାପନ କରିଥିବା ସନ୍ତରଣକାରୀ ପଦ୍ମଭୂଷଣ ମିହିର ସେନ୍ ଆଉ ନାହାନ୍ତି । ମୃତ୍ୟୁ ପୂର୍ବରୁ ବେଶ୍ କିଛି ବର୍ଷ ହେଲା, ସେ ପାର୍କିନ୍‌ସନ୍ ରୋଗରେ ପୀଡ଼ିତ ଥିଲେ । କଲିକତାରେ ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଥିଲେ କେବଳ ସ୍ତ୍ରୀ ବେଲା ।

"ଦେଖିଲେ, ଏଇଟା କଣ ହେଇପାରିବ", ଏଥିଲା ଅସିତ ବାବୁଙ୍କ ସଂକ୍ଷିପ୍ତ ପରାମର୍ଶ । ସେ ମତେ ଆଉ ସୂଚନା ଦେଲେ, "ବୋଧେ, ମିହିର ସେନ୍ କଟକରେ ପଢୁଥିଲେ । ଏଠି ତାଙ୍କର ଘର ଅଛି ।"

ସେଦିନ ଡାକ୍ ସଂସ୍କରଣ କାମ ସରିବା ପରେ, ଉପରବେଳା ମୁଁ ବାହାରିଲି ମିହିର ସେନ୍‌ଙ୍କ ଘର ଖୋଜି । ବହୁ ପଚରାପଚରି ପରେ ସନ୍ଧ୍ୟାରେ ପାଇଲି ମିହିର ସେନ୍‌ଙ୍କ ଭଉଣୀ ଶେଫାଳୀ ସେନ୍‌ଙ୍କୁ, ତାଙ୍କ ମଇଦାସ୍ ବଜାରସ୍ଥିତ ଘରେ । ଭାଇ ଉପରେ ଶେଫାଳୀ ଦେବୀଙ୍କ ଅନୁଭୂତି ସହ ତାଙ୍କ ଘରୁ ମିଳିଲା ମିହିରଙ୍କୁ ନେଇ ପ୍ରକାଶିତ କିଛି ପୁରୁଣା ରିପୋର୍ଟ । ସେଠୁ ମୁଁ ଚାଲିଲି ଭୁବନେଶ୍ୱର, ସହିଦ ନଗର । ଶେଫାଳୀ ଦେବୀ ବତେଇଦେଲେ ମିହିରଙ୍କ କାକା ଶ୍ୟାମାଚରଣ ଓ

ବଡ଼ବାପା ଝିଅ ଭଉଣୀ ପ୍ରତିଭା ସେନ୍‌ଙ୍କ ଠିକଣା । ମିହିର ସେନଙ୍କୁ ବିଲାତ ପଠାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ କାକା ଶ୍ୟାମାଚରଣ । ତାଙ୍କୁ ପାଇବା ମୋ ପାଇଁ ଥିଲା ଏକ ସଂଯୋଗ, ବଡ଼ ସୌଭାଗ୍ୟ ବି । ରାତି ସାଢ଼େ ଦଶଟା ବେଳେ ତାଙ୍କ ଘର ଖୋଜି ଖୋଜି ଜଣେ ସାମ୍ବାଦିକ ପହଞ୍ଚିବେ ଓ ତାଙ୍କ ମନରେ ମିହିରଙ୍କ ସ୍ମୃତିକୁ ପୁଣି ଥରେ ତାଜା କରିଦେବେ, ଏକଥା ହୁଏତ ସେ ଭାବି ନଥିଲେ । ଶ୍ୟାମାଚରଣ ସେନ୍ ଓ ପ୍ରତିଭା ଦେବୀ ମୋ ରିପୋର୍ଟରେ ଯେମିତି ପ୍ରାଣ ସଞ୍ଚାର କରିଦେଲେ; ଯେଉଁ ରିପୋର୍ଟର ଅଙ୍କୁରୋଦ୍‌ଗମ ହୋଇଥିଲା ଏଜେନ୍‌ସି କପିରୁ ଓ ଯେଉଁଥିରେ ମିହିରଙ୍କ ସାନ ଭଉଣୀ ଶେଫାଳୀ କିଛି ତାଳପତ୍ର ଖଂଜି ଦେଇଥିଲେ । ମୁଁ କାମସାରି ଘରକୁ ଫେରିଲା ବେଳକୁ ରାତି ପ୍ରାୟ ଏଗାର ।

ଅଭ୍ୟାସବଶତଃ, ଆଲାର୍ମ ଦେଇ ଉଠିଲି ଓ ରିପୋର୍ଟ ଲେଖା ଆରମ୍ଭ ହେଲା ଭୋର ପାଞ୍ଚଟାରୁ । ଆଠଟା ବେଳକୁ ମନଭରି ଲେଖା ସରିଲା । ମୁଁ ସ୍କୁଟର ଧରି ଭୁବନେଶ୍ୱରରୁ କଟକ ଯାଇ ଅଫିସରେ ଅସିତ ବାବୁଙ୍କୁ ସାଢ଼େ ଦଶ ସୁଦ୍ଧା ତାହା ଧରାଇ ଦେଇ ଅନ୍ୟ କାମରେ ମନ ଦେଲି । ସନ୍ଧ୍ୟା ବେଳକୁ ତା' ଏକ ପୂରା ପୃଷ୍ଠା ହୋଇ ଯେତେବେଳେ ପ୍ରକାଶ ପାଇଲା, ମୁଁ ନିଜେ ବିଶ୍ୱାସ କରିପାରିଲିନି ଯେ, ତିନି ଧାଡ଼ିର ଏକ ଖବରକୁ ନେଇ କିଭଳି ଆଠ-ନଶହ ଶବ୍ଦର ଏକ ପୂର୍ଣ୍ଣାଙ୍ଗ ଷ୍ଟୋରି ରୂପ ନେଇପାରିଲା ।

ରିପୋର୍ଟଟିକୁ ମୁଁ ସାମାନ୍ୟ ନାଟକୀୟ ଢଙ୍ଗରେ ଆରମ୍ଭ କରିଥିଲି । ସାରିଥିଲି ବି କିଛିଟା ଆବେଗ ସହ । ଶେଷ ପାରାଟି ଥିଲା: '...ବିଗତ କେତେ ବର୍ଷର ଦୁର୍ଦ୍ଦିନର କଥା ଯଦି ଜାଣିପାରୁଥାନ୍ତେ ଏହି ଦୁର୍ଦ୍ଧର୍ଷ ଖେଳୁଆଡ଼, ତେବେ ହୁଏତ ଆଉ

କାହାକୁ ନହେଲେ ମଧ୍ୟ ଏକାନ୍ତରେ, କେବେ ଥରେ ପ୍ରାଣାଧିକ ପତ୍ନୀଙ୍କୁ କହିଥାନ୍ତେ– ଜୀବନଟା ଇଂଲିଶ ଚ୍ୟାନେଲ ନୁହେଁ, ବେଳା ।'

ରିପୋର୍ଟ ଉପରେ ମୋର ଇମିଡିଏଟ୍ ବସ୍‌ଙ୍କର ସଂକ୍ଷିପ୍ତ କଂପ୍ଲିମେଣ୍ଟ୍ ଥିଲା– 'ବଢ଼ିଆ ହେଇଚି' । ମୋର ସୃଜନଶୀଳତା ପାଇଁ ତା ଥିଲା ଯେମିତି ଏକ ସାତ୍ତ୍ୱିକ ପାରିତୋଷିକ । ତେବେ ମତେ ତା' ଛଡ଼ା ମିଳିଥିଲା ଏକ ବୋନସ୍, ଆଉ ତାହା ହିଁ ଥିଲା ମୋର ସକ୍‌ସେସ୍ ଷ୍ଟୋରିର କ୍ଲାଇମାକ୍ସ । ଶୁଣନ୍ତୁ ...

ପରଦିନ ଏକ ଫୋନ୍ ଆସିଲା ଦିଲ୍ଲୀରୁ, "ମୁଁ ସୌମ୍ୟ ପଟ୍ଟନାୟକ କହୁଛି ।" ମୋର  ଏମିତି ସିଧାସଳଖ ଫୋନ୍ ପାଇବାର ଅଭ୍ୟାସ ନଥିଲା । ମୁଁ ପ୍ରଥମେ ଟିକେ ହଡ଼ବଡ଼େଇ ଗଲି ଯେତେବେଳେ ଜାଣିଲି ଯେ, ଆରପଟର ସ୍ୱର ଆଉ କାହାର ନୁହେଁ, ଖୋଦ୍ ମୋ ସଂପାଦକଙ୍କର । "ତମେ ମିହିର ସେନ୍‌ଙ୍କ ଉପରେ ଗୋଟେ ବଢ଼ିଆ ରିପୋର୍ଟ ଲେଖିଛ । ତମକୁ ଗୋଟେ ପୁରସ୍କାର ଦିଆଯିବ । ମୁଁ ଓଡ଼ିଶା ଯାଏ । କ୍ୟାରି ଅନ୍ ... ।"

ଏ ଖବର ପାଇ ସହକର୍ମୀମାନେ ମତେ ଅଭିନନ୍ଦନ ଜଣାଇଥିଲେ ଓ ମୋର ପ୍ରତିକ୍ରିୟା ପାଇଁ ଅପେକ୍ଷା ନକରି ପୁରସ୍କାର ମିଳିଲେ ଭୋଜି କରାଯିବ ବୋଲି ତତ୍କାଳ ଘୋଷଣା କରିଥିଲେ । କିଛିଦିନ ମଧ୍ୟରେ ସୌମ୍ୟବାବୁ କଟକ ଆସିଥିଲା ବେଳେ ସମସ୍ତଙ୍କ ଆଗରେ ଆଉ ଥରେ ଘୋଷଣା କଲେ ଓ ମତେ ପାଞ୍ଚ ଶହ ଟଙ୍କା ପୁରସ୍କାର ଧରାଇଦେଲେ । ଜଣେ ସାମ୍ବାଦିକକୁ (ବା ଯେ କୌଣସି କର୍ମଚାରୀ) ତା'ର ଏକ କାମ ପାଇଁ ଅର୍ଥ ପୁରସ୍କାର ମିଳିବା ଯେତିକି ବଡ଼କଥା ନୁହେଁ, ସଂପାଦକୀୟ ମୁଖ୍ୟଙ୍କ ପିଠିଥାପୁଡ଼ା ତା'ଠାରୁ କେତେ ଅଧିକ କାମ କରେ

ଶହେରୁ ଅଧିକ ସାମ୍ବାଦିକ ଓ ପ୍ରଡ୍ୟୁସରଙ୍କ ଟିମ୍ ଲିଡର୍ ହିସାବରେ କାମ କଲାବେଳେ ଆଜି ମୁଁ ତାହା ଅନୁଭବ କରିପାରୁଛି ।

'ସମ୍ବାଦ'ରେ କାମକଲା ଭିତରେ ମୁଁ ଅନେକ କଭର ଷ୍ଟୋରି, ନ୍ୟୁଜ୍ ରିପୋର୍ଟ, ଫିଚର ଓ ସାକ୍ଷାତକାର କରିଛି । ଯେଉଁ କେତୋଟି ମତେ ସେତେବେଳେ ଅଧିକ ଆତ୍ମସନ୍ତୋଷ ଦେଇଥିଲା ତା' ଭିତରୁ ଗୋଟିଏ ଥିଲା, ମିହିର ସେନ୍‌ଙ୍କୁ ଶ୍ରଦ୍ଧାଞ୍ଜଳି- 'ଜୀବନଟା ଇଂଲିଶ ଚ୍ୟାନେଲ ନୁହେଁ' । କଟକର ଗୁଡ଼ି ଉପରେ ସ୍ୱତନ୍ତ୍ର ଫିଚର ('କଲିକତୀ ଲଟେଇ ମୋର, ନମ୍ବରୀ ସୂତାରେ ମାଞ୍ଜା'), ରଥଯାତ୍ରା ଉପରେ ବିଶେଷ ରିପୋର୍ଟ ('ରଥେ ଜଗନ୍ନାଥ, ପଥେ ଜଗନ୍ନାଥ'), ସ୍ୱାଧୀନତା ଦିବସରେ ପ୍ରଚ୍ଛଦ ପ୍ରସଙ୍ଗ ('ଅରି ଫେରିନାହିଁ, ଯୁଦ୍ଧ ସରିନାହିଁ') ଓ ସଂଯୁକ୍ତା ପାଣିଗ୍ରାହୀଙ୍କ ବିୟୋଗରେ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳି-ରିପୋର୍ଟ ('ତଥାପି ସରି ନଥିଲା ସ୍ୱପ୍ନ- ସଂଯୁକ୍ତାଙ୍କ') ଆଦି ମୋର ସାମ୍ବାଦିକ କ୍ୟାରିଅରର ଗୋଟିଏ ଗୋଟିଏ ପ୍ରେରଣାପ୍ରଦ କାମ, (ଧୁମ୍) ମିଠା ସ୍ମୃତି । ଏସବୁ ଲେଖା ବା ରିପୋର୍ଟରେ କେବଳ ଭାଷା, ଭାବନା ବା ଲେଖକୀୟ ଷ୍ଟାଇଲ୍‌କୁ ନେଇ ପରୀକ୍ଷା ନିରୀକ୍ଷା କରାଯାଇଥିଲା ତା ନୁହେଁ, ବରଂ ସମ୍ବାଦପତ୍ର ପ୍ରଡକ୍ସନ୍ (ଲେ ଆଉଟ୍) କ୍ଷେତ୍ରରେ ମଧ୍ୟ କେତେକ ଯାଗାରେ ପ୍ରଚଳିତ ଧାରା ଭାଙ୍ଗି, ବେଶ୍ କିଛି ନୂଆ  କାମ ମଧ୍ୟ କରାଯାଇଥିଲା ।

ସମ୍ବାଦିକତାର ପରିଭାଷା ବୋଲି ମୁଁ ଯାହା ବୁଝେ, ତାକୁ ମୁଁ ତିନିଟି ଭାଗରେ ବିଭକ୍ତ କରିଛି । (୧) ସ୍ୱାଧୀନ ଚିନ୍ତା ଓ ଅଭିବ୍ୟକ୍ତି, (୨) ସୃଜନଶୀଳତା, ଓ (୩) ସାଧନା । ଏସବୁକୁ ମୁଁ ଖୁବ୍ ଅନ୍ତରଙ୍ଗ ଭାବେ ଅନୁଭବ କରିଛି 'ସମ୍ବାଦ'ରେ ମୋର ପାଞ୍ଚ ବର୍ଷର ପେସାଦାର ଜୀବନ ଭିତରେ । ମାତୃଭାଷା ଓ ମାତୃଭୂମି

ପ୍ରତି ଶ୍ରଦ୍ଧା ଓ ଦାୟିତ୍ୱର ଯେଉଁ ଧାରା ମୋ ଭିତରେ 'ସଚିତ୍ର ବିଜୟା'ର ଚାକିରି ବେଳକୁ ପ୍ରତିଷ୍ଠା ହୋଇଯାଇଥିଲା ତାହା 'ସମ୍ବାଦ'ରେ ମୋର କାର୍ଯ୍ୟକାଳ ଭିତରେ ଅଧିକ ଦୃଢ଼ ହୋଇଥିଲା । 'ଇଟିଭି'ରେ ପ୍ରାୟ ୮ ବର୍ଷର ବୃତ୍ତି ଭିତରେ ତା' ଆହୁରି ଶାଣିତ ଓ ବିକଶିତ ହୋଇପାରିଛି, ଏହା ମୋର ସୌଭାଗ୍ୟ ଓ ଗୌରବ ।

'ସମ୍ବାଦ'ରେ 'ଜ୍ୟାକ୍ ଅଫ୍ ଅଲ୍ ଟ୍ରେଡ୍ସ...' ଥିଲା ଏକ ବାସ୍ତବମୁଖୀ ସ୍ଲୋଗାନ । ମୁଁ ସାପ୍ତାହିକ ସ୍ୱତନ୍ତ୍ର ପୃଷ୍ଠା 'କେବଳ କଟକ', ସାପ୍ତାହିକ ନ୍ୟୁଜ୍ ଫିଚର ମାଗାଜିନ୍ 'ବିଚିତ୍ରା' ଓ 'ରବିବାର' ବାଟଦେଇ ଦୈନିକ 'ମହାନଗର' ପର୍ଯ୍ୟନ୍ତ ବିଭିନ୍ନ ବାଗ ଓ ବିଭାଗରେ କାମ କରିଛି । ପୁଣି ଡେସ୍କରେ କପି ଏଡିଟିଂ ଓ ସିନିୟର ରିପୋର୍ଟର ହିସାବରେ ରିପୋର୍ଟିଂ କାମ କରିବାର ସୁଯୋଗ ପାଇଥିଲି । ଦିନାକେତେ କ୍ରାଇମ୍ ରିପୋର୍ଟିଂ (କ୍ରାଇମ୍, କୋର୍ଟ,  ସ୍ପଟ୍, ଏଣ୍ଡ ହ୍ୱାଟ୍ ନଟ୍) କରିବାକୁ ପଡ଼ିଥିଲା । ରିପୋର୍ଟିଂ, ସଂପାଦନା, ଖବର ସଂଯୋଜନା, ପ୍ରୁଫ୍ ସଂଶୋଧନ ଓ ଅନୁବାଦଠାରୁ ଲେ ଆଉଟ୍ ପର୍ଯ୍ୟନ୍ତ ବିଭିନ୍ନ କଥା ବୁଝିବାକୁ ପଡ଼ିଛି । ଏସବୁ କାମକୁ ମୁଁ ଆନନ୍ଦରେ କରିଛି । ଯାହା ମୋର କେତେକ ବନ୍ଧୁ ଓ ସମସାମୟିକଙ୍କୁ ହୁଏତ 'ଥ୍ୟାଙ୍କଲେସ୍ ଜବ୍' ବୋଲି ଦିଶୁଥିଲା, ତାହା ମୋ ଲାଗି ଥିଲା ଆଶୀର୍ବାଦ । ଆଜି ଟେଲିଭିଜନ ଖବର ପରିଚାଳନାରେ 'କମନ୍ ସେନ୍ସ' ବାଦ୍ ଯେଉଁ 'ପଞ୍ଚତତ୍ତ୍ୱ' ଉପରେ ଜୋର ଦିଆଯାଉଛି ତା ହେଲା, 'ନ୍ୟୁଜ୍ ସେନ୍ସ', 'ଏଡିଟିଂ ସେନ୍ସ', 'ପ୍ରଡକ୍ସନ୍ ଏଣ୍ଡ ପ୍ରେଜେଣ୍ଟେସନ୍ ସେନ୍ସ', 'ମ୍ୟାନେଜମେଣ୍ଟ୍ ସେନ୍ସ' (କଣ୍ଟେଣ୍ଟ୍ ଓ ଟାଲେଣ୍ଟ୍ ମ୍ୟାନେଜମେଣ୍ଟ) ଓ 'ବିଜନେସ୍ ସେନ୍ସ' । ମିଡିଆ ମ୍ୟାନେଜମେଣ୍ଟ  କ୍ଷେତ୍ରରେ ସଫଳତା ପାଇଁ ଆବଶ୍ୟକ ସଂଜୀବନୀ ମୁଖ୍ୟତଃ ମତେ, ବୃତ୍ତି ମାଧ୍ୟମରେ, ମୋର ବର୍ତ୍ତମାନ ଓ

ପୂର୍ବ ଚାକିରି କ୍ଷେତ୍ରରୁ ମିଳିଛି । ତା' ଭିତରୁ ପ୍ରାକ୍-ଇଟିଭି ଅନୁଭବ ମଧ୍ୟରେ ସିଂହଭାଗ ଯେ 'ସମ୍ବାଦ'ରୁ ମିଳିଛି ଏକଥା କହିବାରେ କୌଣସି ଦ୍ୱିଧା ନାହିଁ ।

ଅନେକ ସ୍ମୃତି ଅଛି, ତେବେ ସବୁ ଲେଖିବା ପାଇଁ ଯାଗା କାହିଁ! ହେଲେ ମହାବାତ୍ୟାର ଅଂଗେନିଭା କଥା ନ କହିଲେ ସମ୍ବାଦାନୁଭୂତି ହୁଏତ ସଂପୂର୍ଣ୍ଣ ହେବନାହିଁ । ଶୁଣନ୍ତୁ ...

୧୯୯୯ ଅକ୍ଟୋବର ୨୯ । ସକାଳ ଦଶଟା ବେଳକୁ ଝଡ଼ତୋଫାନ ଜୋର ଧରିଥିଲା । ବାତ୍ୟାର ତୀବ୍ରତା ମୁଁ ଅନୁଭବ କରିଥିଲି ଯେତେବେଳେ ମୋର ସ୍କୁଟର ଚନ୍ଦ୍ରଶେଖରପୁର ପଟୁ ଆସି ଜୟଦେବ ବିହାର ଛକରେ ଜାତୀୟ ରାଜପଥ ଧରିଲା । ବାତ୍ୟାର ଚକ୍ରବ୍ୟୂହ ଭିତରେ ପଛକୁ ଓ ଆଗକୁ ଯିବା ସମାନ ଭାବେ ଜଟିଳ ଥିବାରୁ ମୁଁ କୌଣସି ପ୍ରକାର ଅଫିସ୍ ଆଡ଼ିକି ମୁହାଁଇଥିଲି । ସେଦିନ ମୋ ପରି କର୍ମଚାରୀ ଥିଲେ ପନ୍ଦର କି ଅଠର, ଯେଉଁମାନେ କୌଣସି ପ୍ରକାର ଅଫିସ୍‌ରେ ପହଞ୍ଚି ଯାଇଥିଲେ । ଅନ୍ୟମାନେ କେହି ଆସିପାରି ନଥିଲେ । ସେଦିନ ରିସପ୍‌ସନ୍ (ସେତେବେଳର) ସାମ୍ନା ସୋଫା ଓ ଚଉକିରେ ସମସ୍ତଙ୍କ ପୂରା ଦିନ ଓ ରାତି କଟିଥିଲା, ପ୍ରତି ମୁହୂର୍ତ୍ତର ଆଶଙ୍କା ଭିତରେ । ବାହ୍ୟ ଜଗତରୁ ବିଚ୍ଛିନ୍ନ, ବଡ଼ ଦୟନୀୟ ଅବସ୍ଥା । ତତ୍କାଳୀନ କାର୍ଯ୍ୟନିର୍ବାହୀ ସଂପାଦକ ଗୌରହରି ଦାସଙ୍କ ଅଫିସ ରୁମ୍ କାଚଭାଙ୍ଗି ପାଣି ପଶିବା, ନ୍ୟୁଜ୍ ରୁମ୍‌ରେ ପାଣି ଟାଲ ମାରିବା- ଏସବୁ ଦୃଶ୍ୟ ଆଜି ବି ମୋର ମନେପଡୁଛି । ଲାଗୁଥିଲା ଆମ ମୁଣ୍ଡ ଉପରେ ଥିବା ଟିଣ ସେଡ୍ ଯେ କୌଣସି ମୁହୂର୍ତ୍ତରେ ଉଡ଼ିଯିବ । ସେଦିନ ରାତିରେ ଆମର ଯତ୍ କିଞ୍ଚିତ୍ ଡିନର ଥିଲା ପାଖ ହନୁମାନ ମନ୍ଦିରରୁ ଅଣା ହୋଇଥିବା ସଂପୂର୍ଣ୍ଣ ଭିଜା ବୁନ୍ଦିଲଡୁ । ପ୍ରାୟ ଅଶୀ-ଶହେ କିଲୋମିଟର ବେଗର

ପବନ ଭିତରେ ହାତରେ ହାତ ଛନ୍ଦି, ରାସ୍ତାରେ ଉଠି-ବସି ଯେଉଁ ଦୁଇଜଣ ଯୁବକ ବଡ଼ ସାହସରେ ମନ୍ଦିର ଭିତରେ ପଶି, ଆଣ୍ଠୁଏ ପାଣିରୁ ଲଡୁ ଗଞ୍ଜିକୁ ଉଦ୍ଧାରକରି ଧରି ଆସିଥିଲେ, ତା' ଭିତରେ ଜଣେ ଥିଲା ଏ ଲେଖକ ।

ତିରିଶ ତାରିଖଟା କଟିଗଲା ମୁଖ୍ୟତଃ ନିଜ ନିଜ ଘର ସଜାଡ଼ିବାରେ । ୩୧ ସକାଳୁ ସକାଳୁ ସୌମ୍ୟବାବୁ ସ୍ୱତନ୍ତ୍ର ବୈଠକ କରି ତତ୍କାଳ ଏକ ରିପୋର୍ଟିଂ ଟାସ୍କ ଫୋର୍ସ ତିଆରିକଲେ । ଧ୍ୱଂସର ସ୍ତୁପ ତଳେ ପୁଣି ଜୀବନ ଖୋଜେ ଲେଖକ-ସାମ୍ବାଦିକ; ଅନ୍ଧକାର ଚିରି ସମାଜକୁ ଆଲୋକବର୍ତ୍ତିକା ଦେଖାଏ ସେ । ଆମକୁ କୁହାଗଲା, "ଗୋଟେ ଲେଖାଁ ମଟର ସାଇକେଲ୍ ମିଳିବ, ଗାଡ଼ିରେ ପେଟ୍ରୋଲ ଭରି ଦିଆଯିବ ଓ ଜଣେକା ହଜାରେ ଟଙ୍କା ଲେଖାଁ ଦିଆଯିବ । ପ୍ରତି ଦି' ଜଣରେ ଗୋଟେ ଟିମ୍ । ଯେତେବାଟ ପର୍ଯ୍ୟନ୍ତ ଯାଇପାରିବ ଯାଅ, ଯାହା ଦେଖିବ ରିପୋର୍ଟ କର ।" ସଂପାଦକଙ୍କ ଏ ଆହ୍ୱାନ୍ ଆମକୁ (ମୋର ପାର୍ଟନର୍ ଥିଲେ ପ୍ରଶାନ୍ତ ପଣ୍ଡା) ଟାଣି ନେଇଥିଲା ବାତ୍ୟା-ବିଧ୍ୱସ୍ତ ଜଗତସିଂହପୁର । ତେବେ ୩୧ ତାରିଖରେ ଆମେ କନ୍ଦରପୁର ପର୍ଯ୍ୟନ୍ତ ଯାଇ ଫେରିଲୁ । ଗଛ ପଡ଼ି ରାସ୍ତାଘାଟ ସଂପୂର୍ଣ୍ଣ ବନ୍ଦ । ନଭେମ୍ବର ୧ ତାରିଖରେ, ବଡ଼କଷ୍ଟରେ, ଠାଆକୁ ଠାଆ ଗାଡ଼ି ଠେଲି ଆମେ ପହଞ୍ଚିଥିଲୁ ଜଗତସିଂହପୁର ହେଡ୍‌କ୍ୱାର୍ଟରସ୍‌ରେ । ସାରାଦେଶର ଫୋକସ୍ ଥିଲା ଏହି ଜିଲ୍ଲା । ଯେତେବେଳେ ସମଗ୍ର ଉପକୂଳ ଅଞ୍ଚଳରେ ଯୋଗାଯୋଗ  ବିଚ୍ଛିନ୍ନ ହୋଇଯାଇଥିଲା ଏବଂ ଗଣମାଧ୍ୟମ ଓ ମୁଦ୍ରଣ ବ୍ୟବସ୍ଥା ଏକ ପ୍ରକାର ଅଚଳ ହୋଇପଡ଼ିଥିଲା ସେତେବେଳେ 'ସମ୍ବାଦ' ଛାପିଥିଲା ଏକ ଦ ୁଇପୃଷ୍ଠିଆ (ବୋଧହୁଏ ଦୁଇ କିମ୍ବା ଚାରି ପୃଷ୍ଠା) ମହାବାତ୍ୟା ସ୍ୱତନ୍ତ୍ର ସଂସ୍କରଣ ନଭେମ୍ବର ଦୁଇ ତାରିଖରେ । ଏଥିରେ ବାତ୍ୟା ବିଧ୍ୱସ୍ତ ଜଗତସିଂହପୁର ଉପରେ ପ୍ରଥମ ରିପୋର୍ଟ ଥିଲା ମୋର ଓ ପ୍ରଶାନ୍ତ ପଣ୍ଡାଙ୍କ ବାଇ ଲାଇନ୍‌ରେ । ବାତ୍ୟାକୁ

ନେଇ ପରେ ଅନେକ ରିପୋର୍ଟିଂର ସୁଯୋଗ ମିଳିଛି ଓ ବହୁ ଅଗମ୍ୟ ଅଞ୍ଚଳରୁ ଏ ଲେଖକ ପ୍ରଥମ ରିପୋର୍ଟ ପ୍ରକାଶ କରିବାର ସୌଭାଗ୍ୟ ହାସଲ କରିଛି । ଏସବୁ ଯେ କୌଣସି ସାମ୍ବାଦିକ ପାଇଁ 'ଲାଇଫ୍ ଟାଇମ୍' ଅନୁଭୂତି ନିଶ୍ଚୟ!

ଜଣେ ସଂପାଦକ ଯାହା ଭାବେ, ମିଡିଆରେ ତାହା ପ୍ରତିଫଳିତ ହୁଏ । ସେଥିପାଇଁ ଗୋଟିଏ ସମ୍ବାଦପତ୍ର ବା ଯେକୌଣସି ଗଣମାଧ୍ୟମର ଚିତ୍ର ଓ ଚରିତ୍ର ଏହାର ସଂପାଦକଙ୍କ (ଏବଂ ସଂପାଦନାମଣ୍ଡଳୀ) ଦୃଷ୍ଟିଭଙ୍ଗୀ ଓ ଆଦର୍ଶର ପ୍ରତିଫଳନ ବୋଲି କୁହାଯାଇପାରେ । ତରୁଣ ପିଢ଼ି, ବିଶେଷକରି ଛାତ୍ରଛାତ୍ରୀମାନଙ୍କ ସ୍ୱାର୍ଥ ପ୍ରତି ସଂପାଦକ ସୌମ୍ୟରଞ୍ଜନଙ୍କର ଆଗ୍ରହ 'ଆମ ଓଡ଼ିଶା' ବାହାରେ ବିଭିନ୍ନ ସମୟରେ 'ସମ୍ବାଦ' ମାଧ୍ୟମରେ ପ୍ରକାଶିତ ହୋଇ ଆସୁଛି । 'ସମ୍ବାଦ'ରେ ମୋର ଚାକିରି କାଳ ଭିତରେ ଏମିତି ଗୋଟିଏ ଅନୁଭୂତି ଆଜି ମନେପଡୁଛି । ଶୁଣନ୍ତୁ...

ସେ ବର୍ଷ ମାଟ୍ରିକ୍ ପରୀକ୍ଷାଫଳ ବାହାରିବା ମାତ୍ରେ ପ୍ରତିବର୍ଷ ପରି ଆମେ ପ୍ରଥମେ ଖୋଜିଲୁ ଟପ୍‌ଟେନ୍‌ଙ୍କୁ । ଟେଲିଭିଜନ ଭଳି ଏସବୁ ଖବର ଚଟ୍‌କିନା ଦେଖାଇବାର ସୁଯୋଗ ସମ୍ବାଦପତ୍ରରେ ନଥାଏ । ତଥାପି ଆମ ଭିତରେ ସେତେବେଳେ ଥିଲା ଏକ ପ୍ରତିଯୋଗିତା, ଟପର୍‌ମାନଙ୍କ ପାଖରେ ପ୍ରଥମେ ପହଞ୍ଚିବା ନେଇ । ମୋର ମନେଅଛି ସେଦିନ ସବୁ ଟପର୍‌ଙ୍କ ପ୍ରତିକ୍ରିୟା ଓ ଫଟୋ ଆମକୁ ମିଳିଗଲା, କେବଳ ଜଣକୁ ଛାଡ଼ି । ଏହି ଛାତ୍ରୀଜଣକ ବାପାମାଆଙ୍କ ସହ ଆସି ରାଜଧାନୀରେ କୌଣସି ଜଣେ ସଂପର୍କୀୟଙ୍କ ଘରେ ଥିବାରୁ ତାଙ୍କୁ ଆମ ସଂପୃକ୍ତ ଜିଲ୍ଲା ପ୍ରତିନିଧି ଠାବ କରିପାରି ନଥିଲେ ।

ଟପରମାନଙ୍କ ଫଟୋ ଓ ପ୍ରତିକ୍ରିୟା ବସିଲା ଗୋଟିଏ ପୂରା ପୃଷ୍ଠାରେ । କିନ୍ତୁ

ଅଭାବ ସେଇ ଗୋଟିଏ । ଏକଥା ସଂପାଦକଙ୍କ କାନରେ ପଡ଼ିଥିଲା । ରାତି ପ୍ରାୟ ଦଶଟାରେ ରମେଶ ବାବୁ (ସଂପାଦକଙ୍କ ଜଣେ ସାଙ୍ଗଠନିକ ସହଯୋଗୀ) ଆସି ମତେ ଡାକିଲେ, "ଆସନ୍ତୁ । ମିଳିଗଲା ।"

"କଣ ମିଳିଗଲା?" ମୁଁ ତାଙ୍କୁ ପାଲଟା ପ୍ରଶ୍ନ କଲି । ସେ କହିଲେ, "ଆପଣଙ୍କ ଟପର୍ । ଆସନ୍ତୁ, ଥରେ ଚେଷ୍ଟାକରି ଦେଖିନେବା ।"

ଅଧିକ ବାକ୍ୟ ବିନିମୟ ନକରି ମୁଁ ଚାଲିଲି ରମେଶ ବାବୁଙ୍କ ପଛେ ପଛେ । ଟପରମାନଙ୍କ ପେଜ୍‌ର ଲେ ଆଉଟ୍ ସରିଥିଲା, ଖାଲି ପ୍ରେସ୍‌କୁ ଯିବାକଥା । ତାକୁ ଅଟକାଗଲା । ମାଷ୍ଟର କ୍ୟାଣ୍ଟିନ୍ ଛକ ପାଖ ଗିରିଦୁର୍ଗା ମନ୍ଦିର ଆରପଟ ଗଳିରେ ଆମେ ସଂପୃକ୍ତ ଟପରଙ୍କୁ ଠାବ କରି ବଡ଼ ଖୁସି ହୋଇଗଲୁ । ରାତି ଦଶଟା ପରେ ଖୋଜି ଖୋଜି କୌଣସି ମିଡିଆ ଟିମ୍ ତାଙ୍କ ସଂପର୍କୀୟଙ୍କ ରେ ପହଞ୍ଚିବା କଥାକୁ ସଂପୃକ୍ତ ଟପରଙ୍କ ପରିବାର ବିଶ୍ୱାସ କରିପାରୁନଥିଲେ । ପରଦିନ ସକାଳୁ 'ସମ୍ବାଦ' ପୃଷ୍ଠାରେ ଥିଲେ ଟପ୍‌ଟେନ୍ ତାଲିକାର ସମସ୍ତ ଷ୍ଟାର୍ ଛାତ୍ରଛାତ୍ରୀ । ଏହା କେବଳ ସମ୍ଭବ ହୋଇଥିଲା ସଂପାଦକଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁଁ ।

'ସମ୍ବାଦ'କୁ ନେଇ ଆହୁରି ଅନେକ ସ୍ମୃତି ତ ରହିଛି, ହେଲେ 'ସ୍ମୃତିରେ ସମ୍ବାଦ'ର ସଂପାଦକ ମତେ ଦେଇଥିବା ଶବ୍ଦ-ସୀମା ମୁଁ କେବେଠୁ ଟପିଗଲିଣି । ଶେଷଧାଡ଼ିରେ କେବଳ ଏତିକି କହିପାରେ ଯେ, 'ସମ୍ବାଦ' ମୋ ପାଇଁ କେବେ ଏକ 'ଚାକିରି' ନଥିଲା, ଥିଲା ମେନ୍ ଷ୍ଟ୍ରିମ୍ ସାମ୍ବାଦିକତା କ୍ଷେତ୍ରରେ ମୋର ସୃଜନଶୀଳତାକୁ ବିକଶିତ ଓ ପ୍ରତିଷ୍ଠିତ କରିବାରେ ଏକ ସକ୍ରିୟ ପ୍ରୟୋଗଶାଳା । ଏଥିପାଇଁ ମୁଁ 'ସମ୍ବାଦ' ପରିବାର ନିକଟରେ କୃତଜ୍ଞ ରହିବି ।

(ଶ୍ରୀଯୁକ୍ତ ରଥ ୨୦୦୧ ମସିହା ଶେଷ ଭାଗରେ 'ସମ୍ବାଦ' ଛାଡ଼ି 'ଇଟିଭି ଓଡ଼ିଆ'ରେ ଯୋଗ ଦେଇଥିଲେ । ସେଠାରେ ସେ କିଛିଦିନ ଡେସ୍କ-ଇନ୍-ଚାର୍ଜ ଭାବେ ଦାୟିତ୍ୱ ତୁଲାଇବା ପରେ ୬ ବର୍ଷରୁ ଅଧିକ ଦିନ ହେଲା ଏହାର ସମ୍ବାଦ ବିଭାଗର ମୁଖ୍ୟ ଭାବେ କାମ କରୁଛନ୍ତି । ଶ୍ରୀଯୁକ୍ତ ରଥ ଜଣେ ଟେଲିଭିଜନ ନ୍ୟୁଜ୍ ଆଙ୍କର ଭାବେ ମଧ୍ୟ ନିଜକୁ ପରିଚିତ କରିପାରିଛନ୍ତି । ଟେଲିଭିଜନ ପାଇଁ ଖବର ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ସଂଯୋଜନା ସହ ମିଡିଆ ମ୍ୟାନେଜମେଣ୍ଟ ଓ ତାଲିମ କ୍ଷେତ୍ରରେ ତାଙ୍କର ଅନୁଭୂତି ତାଙ୍କୁ ସମସାମୟିକଙ୍କ ଭିତରେ ଭିନ୍ନ କରି ଠିଆ କରିଛି । ଶ୍ରୀଯୁକ୍ତ ରଥ ଗଣମାଧ୍ୟମ ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ମଧ୍ୟ ବିଶେଷ ରୁଚି ରଖନ୍ତି ।)